# NATIONAL NEWS BULLETIN (ODIA)

## 27 May - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଦ୍ୱିତୀୟ ପର୍ଯ୍ୟାୟରେ ଆଜି ୬୮ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି ।
- ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପାକିସ୍ତାନର ଯୋଜନାବଦ୍ଧ ଆକ୍ରମଣ ଥିଲା ବୋଲି କହିଲେ ପ୍ରଧାନମନ୍ତ୍ରୀ ।
- ଆତଙ୍କବାଦ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳ ନୀତି ସମ୍ପର୍କରେ ବିଭିନ୍ନ ରାଷ୍ଟ୍ରକୁ ଅବଗତ କରାଉଛନ୍ତି ସଂସଦୀୟ ପ୍ରତିନିଧି ମଣ୍ଡଳୀ ।
- ଆୟକର ରିଟର୍ଣ୍ଣ ଦାଖଲ ସମୟସୀମା ସେପ୍ଟେମ୍ବର ୧୫କୁ ବୃଦ୍ଧି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଲା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ।

# ପଦ୍ମ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ଅନ୍ୟତମ ସର୍ବୋଚ୍ଚ ବେସାମରିକ ନାଗରିକ ପୁରସ୍କାର ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ୬୮ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି । ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ପଦ୍ମ ବିଭୂଷଣ, ୯ ଜଣଙ୍କୁ ପଦ୍ମଭୂଷଣ ଏବଂ ୫୬ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ କରାଯାଇଛି ।

ସୂଚନା ଅନୁସାରେ, ଚଳିତବର୍ଷ ୭ ଜଣ ପଦ୍ମବିଭୂଷଣ, ୧୯ ଜଣ ପଦ୍ମଭୂଷଣ ଏବଂ ୧୧୩ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୭୧ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଦ୍ମ ପୁରସ୍କାର ପ୍ରଦାନ କରାଯାଇଥିଲା । ସେଥିମଧ୍ୟରୁ ଓଡ଼ିଶାରୁ ୪ ଜଣ ଡକ୍ଟର ଅଶୋକ ମହାପାତ୍ର, ଲେଖିକା ପ୍ରତିଭା ଶତପଥୀ, ଭାସ୍କର୍ଯ୍ୟଶିଳ୍ପୀ-ଅଦ୍ୱୈତ ଚରଣ ଗଡ଼ନାୟକ, ଓଡ଼ିଶୀ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀରଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଛି ।

ଆଜି ପଦ୍ମ ବିଭୂଷଣ ପୁରସ୍କାର ପାଇଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ପୂର୍ବତନ ପ୍ରଧାନ ବିଚାରପତି ଜଗଦିଶ ସିଂହ ଖେହର, କୁମୁଦିନି

ରଜନୀକାନ୍ତ ଲଖିଆ ରହିଥିବା ବେଳେ ଯତୀନ ଗୋସ୍ୱାମୀ, କୈଳାଶନାଥ ଦିକ୍ଷିତ୍, ସାଧଭି ରିତାମ୍ବର ପଦ୍ମଭୂଷଣ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ।

ସେହିପରି ଡକ୍ଟର ନିରଜ ଭାଟଲା, ସନ୍ତୁରାମ ଦେଶୱାଲ, ସୟଦ୍ ଆଇନୁଲ୍ ହସନ୍ ପ୍ରମୁଖଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, କେନ୍ଦ୍ର ମନ୍ତ୍ରୀ ମଣ୍ଡଳର ଅନ୍ୟାନ୍ୟ ସଦସ୍ୟ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ।

## ପିଏମ୍-ଗୁଜରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗାନ୍ଧିନଗର ସ୍ଥିତ ମହାତ୍ମା ମନ୍ଦିର ଠାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ  କହିଛନ୍ତି, ଭାରତ ନିପାତ କରିଥିବା ଆତଙ୍କବାଦୀମାନଙ୍କୁ ପାକିସ୍ତାନ ଜାତୀୟ ପତାକାରେ ଆଚ୍ଛାଦିତ କରି ରାଷ୍ଟ୍ରୀୟ ସମ୍ମାନ  ପ୍ରଦର୍ଶନ କରିଛି । ପାକିସ୍ତାନୀ ସେନା ମଧ୍ୟ ସାଲ୍ୟୁଟ୍ ପ୍ରଦାନ କରିଛନ୍ତି । ପହଲଗାମ ଆତଙ୍କବାଦ ଆକ୍ରମଣ ଘଟଣା ପାକିସ୍ତାନର

ଯୋଜନାବଦ୍ଧ ଆତଙ୍କବାଦୀ ଆକ୍ରମଣ ବୋଲି ଏହା ସୂଚୀତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O-PM-MODI-COORDINATED-MILITARY-STRATEGY**

ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ କାହା ସହ ଶତ୍ରୁତା କରିବାକୁ ଚାହୁଁନାହିଁ ବରଂ ଶାନ୍ତିର ସହ ରହିବାକୁ ଚାହେଁ । ସେ କହିଛନ୍ତି କେବଳ ନିଜ ଦେଶ ନୁହେଁ, ସାରା ବିଶ୍ୱର ଉନ୍ନତି ପାଇଁ କୋଟି କୋଟି ଭାରତୀୟ' ସରକାରଙ୍କ ସହିତ ମିଶି କାର୍ଯ୍ୟ କରୁଛନ୍ତି । ପୂର୍ବ କେତେକ ନୀତିଗତ ନିଷ୍ପତ୍ତିକୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଆଜିର ଯୁବପିଢ଼ୀ ଐତିହାସିକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ସମ୍ପର୍କରେ ଜାଣିବା ଉଚିତ୍, ଯାହା ଦେଶର ବିକାଶର ପରିପନ୍ଥୀ ଥିଲା । ୧୯୬୦ ସିନ୍ଧୁ ଜଳଚୁକ୍ତିକୁ ସେହିଭଳି ଏକ ତ୍ରୁଟି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ସ୍ୱାଧୀନତାର ୧୦୦ ବର୍ଷ ପୂରଣ ହେଲା ବେଳକୁ ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ କୌଣସି ସାଲିସ କରାଯିବ ନାହିଁ । ଏହି ସ୍ୱପ୍ନକୁ ସାକାର କରିବା ଲାଗି ପ୍ରତ୍ୟେକ ଭାରତୀୟ ସେମାନଙ୍କ ଭୂମିକା ସଠିକ୍ ଢ଼ଙ୍ଗରେ ନିର୍ବାହ କରୁଛନ୍ତି । ବିଶ୍ୱର ପ୍ରଥମ ୩ଟି ଅର୍ଥନୀତିରେ ସାମିଲ ହେବାକୁ ହେଲେ ଦ୍ୱିତୀୟ ଏବଂ ତୃତୀୟ ବର୍ଗର ସହର ଗୁଡ଼ିକୁ ଅର୍ଥନୈତିକ ସ୍ତରରେ ବିକଶିତ

କରିବାକୁ ପଡିବ । ପ୍ରଧାନମନ୍ତ୍ରୀ ଏହି ଅବସରରେ ନାଗରିକମାନଙ୍କୁ ଭାରତ ତିଆରି ଉତ୍ପାଦ ବ୍ୟବହାର କରିବା ଲାଗି ଆହ୍ୱାନ ଦେଇଛନ୍ତି ।

ଗୁଜୁରାଟ ଗସ୍ତର ଆଜି ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ମୋଦୀ ଗାନ୍ଧୀନଗର ସ୍ଥିତ ମହାତ୍ମା ମନ୍ଦିରଠାରେ ୫ହଜାର ୫୩୬ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

## ଅଲ୍ ପାର୍ଟି ଡେଲିଗେସନ୍

ପାକିସ୍ତାନ ସନ୍ତ୍ରାସବାଦକୁ ସମର୍ଥନ ଜଣାଉଥିବାରୁ ଏହା ବିରୋଧରେ ଭାରତର ଶୂନ୍ୟସହନଶୀଳତା ନୀତି ପ୍ରତିପାଦିତ କରିବା ଲକ୍ଷ୍ୟରେ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ବିଭିନ୍ନ ରାଷ୍ଟ୍ର ଗସ୍ତ କରିଛନ୍ତି । ବିଜେପି ସାଂସଦ ରବିଶଙ୍କର ପ୍ରସାଦଙ୍କ ନେତୃତ୍ୱରେ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଫ୍ରାନ୍ସର ଗଣମାଧ୍ୟମ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ଶ୍ରୀ ପ୍ରସାଦ କହିଛନ୍ତି, ସନ୍ତ୍ରାସବାଦ ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ ସ୍ପଷ୍ଟ । ସମଗ୍ର ବିଶ୍ୱ ସନ୍ତ୍ରାସବାଦ ବିରୋଧରେ ନିଜର ସ୍ୱର ଉତ୍ତୋଳନ କରିବା ଉଚିତ୍ । ଶ୍ରୀ ପ୍ରସାଦ କହିଛନ୍ତି, ଭାରତ ପାକିସ୍ତାନର ସନ୍ତ୍ରାସବାଦ କାର୍ଯ୍ୟକଳାପ ବିରୋଧରେ ସତର୍କତାର ସହ ପଦକ୍ଷେପ ଗ୍ରହଣ କରିଥିଲା । ପାକିସ୍ତାନର ସନ୍ତ୍ରାସବାଦୀ ଆଡ୍ଡା ସ୍ଥଳଗୁଡ଼ିକ ଉପରେ ଆକ୍ରମଣ କରିଥିଲା ।

ଡି.ଏମ୍.କେ. ସାଂସଦ କାନିମୋଝି କରୁଣାନିଧିଙ୍କ ନେତୃତ୍ୱରେ ସର୍ବଭାରତୀୟ ପ୍ରତିନିଧି ମଣ୍ଡଳୀ ସ୍ଲୋଭାନିଆର ରାଷ୍ଟ୍ରପତି ମାର୍କ ଲୋଟ୍ରିକ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ସନ୍ତ୍ରାସବାଦ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳତା ନୀତି ଏବଂ ଅପରେସନ୍ ସିନ୍ଦୂର ଅଭିଯାନ ପରେ ସ୍ୱାଭାବିକ ସ୍ଥିତି ସମ୍ପର୍କରେ ଏହି ପ୍ରତିନିଧି ଦଳ ସ୍ଲୋଭାନିଆ ରାଷ୍ଟ୍ରପତିଙ୍କୁ ଅବଗତ କରାଇଥିଲେ । ସେହିପରି ସନ୍ତ୍ରାସବାଦକୁ ଦୃଢ଼ ନିନ୍ଦା କରିବା ସହ ଏହାର ମୂଳୋତ୍ପାଟନର ଆବଶ୍ୟକତା ରହିଛି ବୋଲି ବର୍ଣ୍ଣନା କରିଛନ୍ତି ।

କଂଗ୍ରେସ ସାଂସଦ ଶଶୀ ଥରୁରଙ୍କ ନେତୃତ୍ୱରେ ଗଠିତ ପ୍ରତିନିଧି ଦଳ ଗୁଆନା ଗସ୍ତ କରି ଅପରେସନ ସିନ୍ଦୂର ପରବର୍ତ୍ତୀ ଭାରତର ପଦକ୍ଷେପ ଏବଂ ସୀମାପାର ଆତଙ୍କବାଦର ମୁକାବିଲା ସମ୍ପର୍କିତ ବାର୍ତ୍ତା ପ୍ରଦାନ କରିଛନ୍ତି । ଶ୍ରୀ ଥରୁର କହିଛନ୍ତି ଭାରତର ରଣନୀତି ସମ୍ପର୍କରେ ଗୁଆନା ଅବଗତ ହୋଇଛି । ଜାତିସଂଘ ସୁରକ୍ଷା ପରିଷଦର ସଦସ୍ୟଭାବରେ ଗୁଆନା ଆନ୍ତର୍ଜାତିକ ସ୍ତରରେ ଭାରତର ଆଭିମୁଖ୍ୟକୁ ଉପସ୍ଥାପନ କରିବ ବୋଲି ଆଶା କରାଯାଉଛି ।

ପ୍ରତିନିଧି ଦଳ ଗୁଆନା ରାଷ୍ଟ୍ରପତି ମହମ୍ମଦ ଇରଫାନ ଅଲ୍ଲୀଙ୍କୁ ସାକ୍ଷାତ୍ କରିଛନ୍ତି । ବୈଠକ ପରେ ଗୁଆନା ରାଷ୍ଟ୍ରପତି କହିଛନ୍ତି ମାନବ ସମାଜରେ ଆତଙ୍କବାଦ ଏବଂ ଉଗ୍ରବାଦର କୌଣସି ସ୍ଥାନ ନାହିଁ । ଯେକୌଣସି ପ୍ରକାର ଆତଙ୍କବାଦ କାର୍ଯ୍ୟକଳାପକୁ ଗୁଆନା ବିରୋଧ କରେ ବୋଲି ରାଷ୍ଟ୍ରପତି କହିଛନ୍ତି । ପ୍ରତିନିଧି ଦଳ ମଧ୍ୟ ଗୁଆନା ସଂସଦର

ବାଚସ୍ପତି ମଞ୍ଜୁର ନାଦିର୍‌ଙ୍କ ସହ ସାକ୍ଷାତ୍ କରି ଭାରତର ଆତଙ୍କବାଦ ବିରୋଧୀନ ନୀତି ସମ୍ପର୍କରେ ଆଲୋଚନା କରିଛନ୍ତି ।

ଅନ୍ୟପକ୍ଷରେ ସାଂସଦ ସଞ୍ଜୟ କୁମାର ଝାଙ୍କ ନେତୃତ୍ୱରେ ଗଠିତ ପ୍ରତିନିଧି ସିଙ୍ଗାପୁରର ବୈଦେଶିକ ମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ଭାରତର ଶୂନ୍ୟ ସହନଶୀଳତା ନୀତି ଏବଂ ଅପରେସନ ସିନ୍ଦୂର ପରବର୍ତ୍ତୀ ଘଟଣାକ୍ରମ ସମ୍ପର୍କରେ ପ୍ରତିନିଧି ଦଳ ସେଠାକାର ନେତୃତ୍ୱଙ୍କୁ ସିଙ୍ଗାପୁରର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ସିମ୍ ଆନ୍‌ଙ୍କ ସହ ସାକ୍ଷାତ ଆଲୋଚନା ପରେ ଶ୍ରୀ ଝା କହିଛନ୍ତି, ପାକିସ୍ତାନକୁ ବ୍ଲାକ୍‌ଲିଷ୍ଟରେ ରଖିବା ଲାଗି ଭାରତ ଅର୍ଥନୈତିକ କାର୍ଯ୍ୟାନୁଷ୍ଠାନ ଟାସ୍କ୍‌ଫୋର୍ସ୍‌କୁ ଅନୁରୋଧ କରିଥିଲା । ପାକିସ୍ତାନ ସମସ୍ତ ଆର୍ଥିକ ସହାୟତାର ଦୂରୁପଯୋଗ କରି ଅର୍ଥକୁ ସନ୍ତ୍ରାସବାଦ କାର୍ଯ୍ୟକଳାପ କ୍ଷେତ୍ରରେ ବିନିଯୋଗ କରୁଥିବା ଏହି ପ୍ରତିନିଧି ମଣ୍ଡଳୀ କହିଛନ୍ତି ।

**V/O-SANJAY-JHA**

ବିଜେପି ସାଂସଦ ବୈଜନ୍ତ ପଣ୍ଡାଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀ କୁଏତ୍‌ରେ ଅବସ୍ଥିତ ଭାରତୀୟ ବଂଶୋଭବଙ୍କୁ ଉଦ୍‌ବୋଧନ ଦେଇଛନ୍ତି । ଶ୍ରୀ ପଣ୍ଡା କହିଛନ୍ତି, ଆତଙ୍କବାଦ ବିରୁଦ୍ଧରେ ଭାରତର ଆଭିମୁଖ୍ୟକୁ ଭାରତୀୟ ବଂଶୋଭବ ଗୋଷ୍ଠୀ ବିପୁଳ ସମର୍ଥନ ଜଣାଇଛନ୍ତି । ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, ଆମେରିକା ଏବଂ ଉପସାଗରୀୟ ରାଷ୍ଟ୍ରଗୁଡ଼ିକ ଠାରୁ ପାଇଥିବା ସହାୟତା ରାଶିକୁ ପାକିସ୍ତାନର ବିକାଶ କାର୍ଯ୍ୟରେ ନ ଲଗାଇ ସନ୍ତ୍ରାସବାଦ ପ୍ରୋତ୍ସାହନ ଦିଗରେ ବ୍ୟୟ କରୁଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

ପାକିସ୍ତାନକୁ କଳା ତାଲିକାଭୁକ୍ତ କରି ଅର୍ଥନୈତିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଶ୍ରୀ ପଣ୍ଡା କହିଛନ୍ତି ।

## ଆଇଟିଆର୍- ଲାଷ୍ଟ ଡେଟ୍

କେନ୍ଦ୍ରୀୟ ପ୍ରତ୍ୟକ୍ଷକର ବୋର୍ଡ଼ ସି.ବି.ଡି.ଟି.' ଆୟକର ରିଟର୍ଣ୍ଣ ଦାଖଲ କରିବାର ସମୟସୀମାକୁ ଚଳିତବର୍ଷ ଜୁଲାଇ ୩୧ ତାରିଖରୁ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ସି.ବି.ଡି.ଟି. ପକ୍ଷରୁ କୁହାଯାଇଛି, ଏହି ବର୍ଦ୍ଧିତ ସମୟସୀମା ଫଳରେ ଆୟକର ଦାତାଙ୍କୁ ରିଟର୍ଣ୍ଣ ଫାଇଲ୍ କରିବା ପାଇଁ ଅଧିକ ସମୟ ମିଳିପାରିବ । ସହଜ ଏବଂ ସଠିକ୍ ଭାବରେ ଆୟକର ରିଟର୍ଣ୍ଣ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ନିମନ୍ତେ ସି.ବି.ଡି.ଟି. ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି । ଆୟକର ରିଟର୍ଣ୍ଣ ଫାଇଲ୍ ପ୍ରକ୍ରିୟାରେ ସାଧୁତା ଏବଂ ସ୍ୱଚ୍ଛତା ବଜାୟ ରଖିବା ଦିଗରେ ଅଂଶିଦାରମାନଙ୍କୁ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ପର୍ଯ୍ୟାପ୍ତ ସମୟ ମିଳିପାରିବ ବୋଲି ସି.ବି.ଡି.ଟି. ପକ୍ଷରୁ କୁହାଯାଇଛି ।

## ପଢ଼୍ ଏଆଇ-ଜିତିନ ପ୍ରସାଦ

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ କହିଛନ୍ତି, ଦେଶର ଯୁବବର୍ଗ କୃତ୍ରିମ ବୁଦ୍ଧିମତା – ଏ.ଆଇ. ସମ୍ପର୍କରେ ଜ୍ଞାନ ଆହରଣର ଆବଶ୍ୟକତା ରହିଛି । ଏ.ଆଇ. ଭବିଷ୍ୟତରେ ଶିକ୍ଷା ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ସହାୟକ ହେବ । ଶିକ୍ଷା କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବା, ଦକ୍ଷତା ବିକାଶ, ନବସୃଜନ ଏବଂ ଷ୍ଟାର୍ଟଅପ୍ ସ୍ଥାପନ, ଏମ୍.ଏସ୍.ଏମ୍.ଇ. ଗୁଡ଼ିକୁ ବିଶ୍ୱସ୍ତରରେ ପ୍ରତିଯୋଗିତା ମୂଳକ କରିବା କ୍ଷେତ୍ରରେ ଏ.ଆଇ. ସାହାଯ୍ୟ କରିବ ବୋଲି ସେ କହିଛନ୍ତି । ଏ.ଆଇ. ନୀତି ଏବଂ ଏ ସମ୍ପର୍କିତ ଶିକ୍ଷାପ୍ରଦାନ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଶ୍ରୀ ପ୍ରସାଦ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଏ.ଆଇ. ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ନେଇ 'ପଢ଼୍ ଏ.ଆଇ.' ସମ୍ମିଳନୀରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା । ଏହି ନୀତି ନିର୍ଦ୍ଧାରକ, ଶିକ୍ଷାବିତ୍, ବିଶେଷଜ୍ଞ ଏବଂ ଶିକ୍ଷା ଉଦ୍ୟୋଗୀମାନଙ୍କୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ଏ.ଆଇ. ଶିକ୍ଷା ଏବଂ ଭାରତରେ ଏହାର ବିକାଶ ସମ୍ପର୍କିତ ଆଲୋଚନା କରାଯାଇଥିଲା ।

## ଦିଲ୍ଲୀ-ଆପଏଣ୍ଟମେଣ୍ଟ ଲେଟର

ଦିଲ୍ଲୀ ସରକାର ଆଜି ୧୯୮୪ ମସିହା ଶିଖ୍ ବିରୋଧୀ ଦଙ୍ଗାରେ ଶିକାର ହୋଇଥିବା ପରିବାର ସଦସ୍ୟଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ସିର୍ସା ନୂଆଦିଲ୍ଲୀ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପଦକ୍ଷେପ ଯୋଗୁଁ ଦିଲ୍ଲୀ ସରକାର ଶିଖ୍ ବିରୋଧୀ ଦଙ୍ଗାରେ ଶିକାର ହୋଇଥିବା ପରିବାରର ୧୨୫ ଜଣ ବ୍ୟକ୍ତିଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି ।

## ଆଇପିଏଲ୍ କ୍ରିକେଟ

ଆଇପିଏଲ୍ କ୍ରିକେଟରେ ଆଉ ଅଳ୍ପ ସମୟ ପରେ ଲକ୍ଷ୍ନୌ ସୁପରଜାଏଣ୍ଟସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଲକ୍ଷ୍ନୌର ଏକନା କ୍ରିକେଟ ଷ୍ଟାଡିୟମରେ ଖେଳା ଯିବ। ଟସ୍ ଜିତି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି ।

ବେଙ୍ଗାଲୁରୁ ୧୭ ପଏଣ୍ଟ ପାଇ ପଏଣ୍ଟ ଟେବୁଲରେ ତୃତୀୟ ସ୍ଥାନରେ ରହିଛି । ଆଜିର ମ୍ୟାଚ୍ ଜିତି ବେଙ୍ଗାଲୁରୁ ପ୍ରଥମ କିମ୍ବା ଦ୍ୱିତୀୟ ସ୍ଥାନରେ ରହିବାକୁ ଚେଷ୍ଟା କରିବ ।